# ବାଉଁଶ ପୋଲ ଭରସା

**ବାଲେଶ୍ୱର ଅଫିସ, ୨୩।୧୦**

ବାଲେଶ୍ୱର ଜିଲା ସଦର ବ୍ଲକ ପରିକ୍ଷୀ ପଞ୍ଚାୟତ ୯ନଂ. ୱାର୍ଡ ନନ୍ଦଛକ (ଜଙ୍ଗଲଘେରି) ଓ ୬ନଂ. ୱାର୍ଡ କୟାକଦଳା (ବଉଳବେଣୀ) ଗ୍ରାମର ଦୁର୍ଦ୍ଦିନ ପରିସ୍ଥିତି ସ୍ୱାଧୀନତା ୭୨ବର୍ଷ ପରେ ମଧ୍ୟ ସୁଧୁରି ନାହିଁ। ଗ୍ରାମକୁ ରାସ୍ତା ନ ଥିବାବେଳେ ନଦୀ ପାରି ହେବା ପାଇଁ ଗ୍ରାମ ଲୋକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକମାତ୍ର ବାଉଁଶ ପୋଲ ହିଁ ଭରସା। ସାମାନ୍ୟ ବନ୍ୟା ଆସିଲେ ସମୁଦ୍ର ଜୁଆର ଗ୍ରାମରେ ଲହରି ଖେଳେ। ଜଳବନ୍ଦୀରେ ରୁହନ୍ତି ଗ୍ରାମବାସୀ। କୌଣସି ପ୍ରଶାସନିକ ଅଧିକାରୀ ଓ ରାଜନେତା ସେମାନଙ୍କ ଗୁହାରି ଶୁଣନ୍ତି ନାହିଁ। ଏଥିରେ ଅତିଷ୍ଠ ହୋଇ ଉକ୍ତ ଦୁଇ ୱାର୍ଡବାସୀ ଆସନ୍ତା ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନରେ ଭୋଟ ବର୍ଜନ ଲାଗି ନିଷ୍ପତ୍ତି ନେଇଛନ୍ତି।

ଜଙ୍ଗଲଘେରି ସାହିର ଲୋକେ ଦୀର୍ଘଦିନ ଧରି ବୁଢ଼ାବଳଙ୍ଗ ନଦୀ ଉପରେ



ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ବାଉଁଶ ପୋଲ।

ବାଉଁଶ ପୋଲ ଉପରେ ଯା'ଆସ କରିବା ସହ ଛୋଟପିଲାମାନେ ବିଦ୍ୟାଳୟକୁ ଯାଇଥାନ୍ତି। ଏପରିକି ଉକ୍ତ ଗ୍ରାମକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ପହଞ୍ଚି ପାରୁନି। ଗ୍ରାମର ରାସ୍ତା ପ୍ରତ୍ୟେକ ବର୍ଷ ବନ୍ୟାରେ ନଷ୍ଟ ହୋଇଥାଏ। ବାରମ୍ବାର ସମୁଦ୍ର କୂଳରେ ଲୁଣିବନ୍ଧ ନିର୍ମାଣ କରିବା ଏବଂ ବୁଢ଼ାବଳଙ୍ଗ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ପ୍ରଶାସନକୁ ବାରମ୍ବାର ଲିଖିତ ଜଣାଇବା ସହ ନେତାମାନଙ୍କୁ ମଧ୍ୟ ଅଭିଯୋଗ ଜଣାଇଛନ୍ତି। ନିର୍ବାଚନ ସମୟରେ ନେତାମାନେ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରେ ଭୁଲି ଯାଇଥାନ୍ତି।

### ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

ସେହିପରି ବଉଳବେଣୀ ସାହିର ଦୁର୍ଦ୍ଦଶା କହିଲେ ନ ସରେ। ରାସ୍ତାଘାଟଠାରୁ ଆରମ୍ଭ କରି ଉନ୍ନତିମୂଳକ କାର୍ଯ୍ୟ ବହୁ ପଛରେ। ଏପରିକି ଉକ୍ତ ଗ୍ରାମରେ ବୁଧିଗଡ଼ିଆ ୟୁଜି ସ୍କୁଲରେ ନିର୍ବାଚନରେ ଭୋଟ ଦେବା ପାଇଁ ତିନୋଟି ବୁଥ୍ (୧୯୩ (ଏ ଓ ବି ) ଏବଂ ୧୯୪) ଥିବାବେଳେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଖଡ଼ିପାହି ଗ୍ରାମର ୧୯୧ ନମ୍ବର ବୁଥ୍‌ରେ ଭୋଟ ଦେବାପାଇଁ ରହିଛି। ବଉଳବେଣୀରୁ ଖଡ଼ିପାହି ଯିବା ପାଇଁ ବୁଢ଼ାବଳଙ୍ଗ ନଦୀ ପାରି ହେବାକୁ ପଡ଼ିଥାଏ। ଏହାକୁ ପ୍ରତିବାଦ କରି ବାରମ୍ବାର ସେମାନେ ବୁଧିଗଡ଼ିଆ ୟୁଜି ସ୍କୁଲରେ ଥିବା ବୁଥ୍‌ରେ ସେମାନଙ୍କ ନାମକୁ ରଖିବା ପାଇଁ ଆବେଦନ କରିଆସୁଛନ୍ତି। କିନ୍ତୁ ଏହା ସମ୍ଭବ ହୋଇପାରି ନାହିଁ। ସେଥିପାଇଁ ଉକ୍ତ ଦୁଇ ସାହିର ଭୋଟରମାନେ ଉପନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି।

ଉଭୟ ୱାର୍ଡବାସୀଙ୍କ ଆନ୍ଦୋଳନରେ ପରିକ୍ଷୀ ବିକାଶ ମଞ୍ଚର ସଭାପତି ଚାରୁଭଦ୍ର ଜାନା କହିଛନ୍ତି, ଏହି ସମସ୍ୟା ଦୀର୍ଘଦିନ ଧରି ଲାଗିରହିଛି। ବନ୍ୟା ସମୟରେ ବିଡିଓ ଓ ଆର୍‌ଆଇ ବାରମ୍ବାର ପରିଦର୍ଶନ କରିଛନ୍ତି। ଏପରିକି ଆର୍‌ଆଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାପାଳଙ୍କୁ ଉକ୍ତ ଗ୍ରାମର ଅବସ୍ଥାକୁ ଦେଖାଇଛନ୍ତି। ଏହାପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗଣତନ୍ତ୍ର ରାଷ୍ଟ୍ରରେ ଜନତାଙ୍କ ମୌଳିକ ଅଧିକାରକୁ ହତ୍ୟା କରାଗଲେ ନିର୍ବାଚନରେ ଭାଗ ନେବା କୌଣସି ଆବଶ୍ୟକତା ନାହିଁ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**ବାସୁଦେବପୁର, ୨୩।୧୦(ଡି.ଏନ୍.ଏ.):** ୫ ନଂ ଜାତୀୟ ରାଜପଥର ଖନ୍ତାପଡ଼ା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିଷ୍ମତକୃଷ୍ଣପୁର ପଞ୍ଚାୟତ ଅଧୀନ ୨ନଂ. ୱାର୍ଡ଼ର ପୂର୍ଣ୍ଣଚନ୍ଦ୍ର ପରିଡ଼ା। ସେ ଖନ୍ତାପଡ଼ାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରାସ୍ତା ପାର ହେଉଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ

**ଯୋଡା, ୨୩।୧୦(ଡି.ଏନ୍.ଏ):** କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବି ନେଇ ଜୁରୁଡ଼ି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରି ଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ସ୍ଥାନୀୟ ସଂଘର ଗାଡ଼ିମାଲିକଙ୍କୁ କାର୍ଯ୍ୟ ଦେଉ ନ ଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ସମାଧାନ ନ କରିବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବିପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବାରୁ ଶୁକ୍ରବାର ଖଣିର ପରିବହନ କାର୍ଯ୍ୟ ବନ୍ଦ କରି ଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଞ୍ଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ଓ ପରିବହନ ମୂଲ୍ୟନେଇ ଆପୋଷ ବୁଝାମଣାରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

## ଫିକା ପଡ଼ିଲା ଦୁର୍ଗାପୂଜା

**ଢେଙ୍କିକୋଟ, ୨୩।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକରେ ପ୍ରତିବର୍ଷ ଜାକଜମକରେ ଦୁର୍ଗାପୂଜା ପାଳନ କରାଯାଇଥାଏ। ଚଳିତବର୍ଷ କରୋନା ଯୋଗୁ ଦୁର୍ଗାପୂଜା ଫିକା ପଡ଼ିଛି। ଢେଙ୍କିକୋଟର ଶାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପ ଏବଂ ଟିକିରାସ୍ଥିତ ଶ୍ରୀ ଦୁର୍ଗା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ଶାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପରେ ପୂର୍ବାହ୍ନରେ କଳସ ଯାତ୍ରା, ନବପତ୍ରିକାକୁ ଯଥାବିଧି ପୂଜାପାଠ ଓ ଚକ୍ଷୁଦାନ କରାଯାଇ ମା'ଙ୍କ ସପ୍ତମୀ ପୂଜା କରାଯାଇଥିଲା। ଶୁକ୍ରବାର ରାତିରୁ ମା'ଙ୍କ ଅଷ୍ଟମୀ ପୂଜା ଆରମ୍ଭ ହୋଇ ଶନିବାର ସକାଳେ ଶେଷ ହେବ ବୋଲି ଆଚାର୍ଯ୍ୟ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ସରକାରଙ୍କ କୋଭିଡ ନିୟମ ମାନି ମଣ୍ଡପରେ ପୂଜକ, ସଂକଳ୍ପଧାରୀ, କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି। ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇନାହିଁ ବୋଲି କମିଟି ସଭାପତି ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ସମ୍ପାଦକ ଶତ୍ରୁଘ୍ନ ସାହୁ, ଉପଦେଷ୍ଟା ଉତ୍ତମ କୁମାର ନାୟକ ଏବଂ ଲଲାଟେନ୍ଦୁ ସାହୁଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଚାଲୁରହିଛି।

## ରାବଣପୋଡ଼ି ମହୋତ୍ସବ ସ୍ଥଗିତ

**ବାଲେଶ୍ୱର ଅଫିସ, ୨୩।୧୦**

ମହାମାରୀ କରୋନା ଲାଗି ଚଳିତବର୍ଷ ରାବଣପୋଡ଼ି ମହୋତ୍ସବକୁ ସ୍ଥଗିତ ରଖାଯାଇଛି। ଶୁକ୍ରବାର ରାବଣପୋଡ଼ି ମହୋତ୍ସବ କମିଟି ପକ୍ଷରୁ ଏକ ବୈଠକ କରାଯାଇ ଏହି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଅଧକ୍ଷତା କରି ସମସ୍ତ ବିଷୟ ଆଲୋଚନା କରିଥିଲେ। ବୈଠକ ଆରମ୍ଭରେ କମିଟିର ସ୍ଥାୟୀ ସଭାପତି ବିଜୟଲକ୍ଷ୍ମୀ ମହାନ୍ତିଙ୍କ ଅକାଳ ବିୟୋଗରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ କିଶୋର ଦାସ, ରାମନାରାୟଣ ଶତପଥି, ଭାଗବତ ସାହୁ, ଗଙ୍ଗାଧର ରାଉତ, ସତ୍ୟଶିବ ସୁନ୍ଦର ଦାଶ ଓ ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନିରାଡ଼ମ୍ବରରେ ପାଳିତ ହେଲା ମହାସପ୍ତମୀ



ଖଇରାରେ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଖଇରା, ୨୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ନିରାଡମ୍ବରରେ ପାଳିତ ହୋଇଛି। ଖଇରା ପୂଜା ମଣ୍ଡପରେ ପଣ୍ଡିତ ଦ୍ୱାରିକାନାଥ ଶତପଥି, ଅନାମନନ୍ଦ ଦାଶ, ପ୍ରଫୁଲ୍ଲ ତ୍ରିପାଠୀଙ୍କ ଦ୍ୱାରା ଚଣ୍ଡୀପାଠ ତଥା ଯଜ୍ଞାଦି କର୍ମ ସମ୍ପାଦିତ ହୋଇଥିଲା । ପଦ୍ମଲୋଚନ ଧରଙ୍କ ସମେତ ପୂଜା କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ସଭାପତି ଦୁର୍ଯ୍ୟୋଧନ ସାହୁ, ସମ୍ପାଦକ ରାଧାକାନ୍ତ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ଅନ୍ୟାନ୍ୟ ସୁଣ୍ଡିରା, ଡୁଙ୍ଗୁରା, ମହତୀପୁର ତଥା ଅନ୍ୟାନ୍ୟ ପୂଜାମଣ୍ଡପଗୁଡିକରେ ପୂଜା ସମ୍ପୂର୍ଣ୍ଣ ହୋଇଛି । ଏହାଛଡା ଜଳଙ୍ଗ ସମେତ ଅନ୍ୟାନ୍ୟ ପୀଠଗୁଡିକରେ ଅଷ୍ଟମୀ କରାଯାଇଛି।

## ପରିବର୍ତ୍ତନର ପ୍ରତୀକ ହେବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ, ୨୩।୧୦**

ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ବର୍ତ୍ତମାନ ଦେଶର ବିକାଶ ଲାଗି ଏକ ନୂତନ ବାର୍ତ୍ତା ସାଜିଛି। ଅନ୍ତର୍ଜାତୀୟ ସ୍ତରରେ ଭାରତର ସୁନାମ ବୃଦ୍ଧି ପାଇଛି ବୋଲି ଶୁକ୍ରବାର ସହଦେବଖୁଣ୍ଟାଠାରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି, ଶାସନକଳରେ ଅମଲାତନ୍ତ୍ରକୁ ବ୍ୟବହାର କରି ଗୋଟିଏ ପଟରେ ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ବେଳେ ଅନ୍ୟପଟରେ ଦଳୀୟ ନେତା ଓ କର୍ମୀଙ୍କ ଦ୍ୱାରା ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦେଇଚାଲିଛନ୍ତି। ଏହି ସମ୍ମିଳନୀରେ ବହୁ ବୁଦ୍ଧିଜୀବୀ ଓ ନାଗରିକ ଯୋଗଦେଇ ଦିବଂଗତ ବିଧାୟକ ମଦନମୋହନ ଦତ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ ଯୋଗଦେଇ ବାଲେଶ୍ୱରକୁ ପରିବର୍ତ୍ତନର ପ୍ରତୀକ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ପରିଚାଳନା କରିଥିଲେ। କ୍ଷେତ୍ରୀୟ ମିଡ଼ିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ଜିଲାସଭାପତି ଉମାକାନ୍ତ ମହାପାତ୍ର, ଅନ୍ୟତମ ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ ପ୍ରମୁଖ ଯୋଗଦେଇଥିଲେ।




ବୁଦ୍ଧିଜୀବୀ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ବକ୍ତବ୍ୟ ଦେଉଛନ୍ତି।

## ବାଲେଶ୍ୱର ଉପନିର୍ବାଚନ

## ଅନୁପସ୍ଥିତ ରହିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ବାଲେଶ୍ୱର ଅଫିସ, ୨୩।୧୦**

ବାଲେଶ୍ୱର ଉପନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ତୃତୀୟ ପର୍ଯ୍ୟାୟ ତାଲିମ ଆସନ୍ତା ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହେବ। ସ୍ଥାନୀୟ ବାଲେଶ୍ୱର ଜିଲା ସ୍କୁଲ ଓ ଟାଉନ ହାଇସ୍କୁଲରେ ଏହା ଆୟୋଜିତ ହେବ। ଏଥିରେ ୧୮ଶହ କର୍ମଚାରୀ ଭାଗ ନେଉଥିବା ସୂଚନା ମିଳିଛି।

୨୭ ତାରିଖରେ ବାଲେଶ୍ୱର ଜିଲା ସ୍କୁଲରେ ୬ଶହ ଏବଂ ଟାଉନ ହାଇସ୍କୁଲରେ ୩ଶହ ମୋଟ ୯ଶହ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଅନୁରୂପ ଭାବେ ୨୮ ତାରିଖରେ ବାଲେଶ୍ୱର ଜିଲା ସ୍କୁଲରେ ୬ଶହ ଏବଂ ଟାଉନ ହାଇସ୍କୁଲରେ ୩ଶହ କର୍ମଚାରୀଙ୍କୁ ତାଲିମ ଦିଆଯିବ। ଏହି ତୃତୀୟ ପର୍ଯ୍ୟାୟ ତାଲିମ ପାଇଁ ପ୍ରତି ୪ଜଣଙ୍କୁ ନେଇ ଗୋଟିଏ ଗୋଟିଏ ଦଳ ବା ଗ୍ରୁପ କରାଯାଇଥିବା ବେଳେ ସେଥିମଧ୍ୟରେ ଜଣେ ପ୍ରିଜାଇଡିଂ ଅଫିସର, ପ୍ରଥମ ପୋଲିଂ ଅଫିସର, ଦ୍ୱିତୀୟ ପୋଲିଂ ଅଫିସର ଏବଂ ତୃତୀୟ ପୋଲିଂ ଅଫିସର ରହିଛନ୍ତି । ପୋଲିଂ ବୁଥ୍‌ରେ ଭୋଟଗ୍ରହଣ ପ୍ରକ୍ରିୟାର କିଭଳି ସୁପରିଚାଳନା କରାଯିବ, ପ୍ରତି ଅଧିକାରୀଙ୍କ କ'ଣ ଦାୟିତ୍ୱ ରହିବ ଏବଂ ସେମାନେ କିଭଳି ସୁବ୍ୟବସ୍ଥିତ ଢଙ୍ଗରେ ନିଜ କାର୍ଯ୍ୟ ସମ୍ପାଦନ କରିବେ, କୋଭିଡ୍ ନିୟମାବଳୀର ଅନୁପାଳନ, ଇଭିଏମ୍-ଭିଭିପାଟ ମେଶିନର ଠିକ୍ ବ୍ୟବହାର ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ଜିଲାସ୍ତରୀୟ ମାଷ୍ଟର ଟ୍ରେନର, ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟରଟ୍ରେନର ଓ ସେକ୍ଟର ଅଫିସରମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। କୋଭିଡ୍-୧୯ ମାର୍ଗଦର୍ଶିକାର ଅନୁପାଳନ ପୂର୍ବକ ଏହି ତାଲିମ ଶିବିରରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସମସ୍ତ ପୋଲିଂ କର୍ମଚାରୀମାନଙ୍କ ପାଇଁ ଏହି ତାଲିମ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଏହି ତାଲିମ ଶିବିରରେ ଅନୁପସ୍ଥିତ ରହିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଚେତାବନୀ ଦେଇଛନ୍ତି।

### ଉପନିର୍ବାଚନ ଲାଗି ୨୭, ୨୮ରେ ତୃତୀୟ ପର୍ଯ୍ୟାୟ ତାଲିମ

## ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା କଂଗ୍ରେସ



କଂଗ୍ରେସ ପକ୍ଷରୁ ଅଭିଯୋଗ ପତ୍ର ଦିଆଯାଉଛି।

**ବାଲେଶ୍ୱର ଅଫିସ, ୨୩।୧୦**

ବାଲେଶ୍ୱର ଉପନିର୍ବାଚନ ଆସନ୍ତା ୩ତାରିଖରେ ଅନୁଷ୍ଠିତ ହେବ। ତେବେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସରକାରୀ କଳର ଅପବ୍ୟବହାର ହେଉଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ଦ୍ୱାରା ନିର୍ବାଚନୀ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରି ଶୁକ୍ରବାର ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ଏକ ପ୍ରତିନିଧି ଦଳ ସହିତ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ଅନୁଯାୟୀ, ମନ୍ତ୍ରୀ ପ୍ରତାପ ଜେନା ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଦଳୀୟ ସଭା ଆୟୋଜନ କରି ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ସେହିପରି ବିଜେଡି ପକ୍ଷରୁ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ୨ଶହ ଟଙ୍କା ଲେଖାଏଁ ଦିଆଯାଉଛି। ଯେଉଁମାନେ କଂଗ୍ରେସ ସପକ୍ଷରେ ପ୍ରଚାର କରିବେ ସେମାନଙ୍କୁ ପୋଲିସ ଦ୍ୱାରା ଗିରଫ କରାଇଦେବେ ବୋଲି ଧମକ ମଧ୍ୟ ଦିଆଯାଉଛି। କଂଗ୍ରେସ ପ୍ରତିନିଧି ଦଳରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଯୁବନେତା ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ସୌରଭ ବେହେରା, ଗୁରୁପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ଅସନ୍ତୁଷ୍ଟ ବିଜେଡି, କଂଗ୍ରେସ ନେତା ଭାଜପାରେ ସାମିଲ

**ବାଲେଶ୍ୱର ଅଫିସ, ୨୩।୧୦**

ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କ ଦଳଡିଆଁ ପର୍ବ ଲାଗିରହିଛି। ଶୁକ୍ରବାର ଅପରାହ୍ନରେ ଭାଜପା ଅଫିସ୍‌ରେ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ କଂଗ୍ରେସ ଓ ବିଜେଡିର ବହୁ ଅସନ୍ତୁଷ୍ଟ ନେତା ସାମିଲ ହୋଇଥିଲେ। ନବାଗତ ସଦସ୍ୟମାନେ ଆସନ୍ତା ଉପନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଦୃଢ଼ ସମର୍ଥନ ସହ ବିଜୟ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମକୁ ଭାଜପାରେ ନୂଆ କରି ଯୋଗ ଦେଇଥିବା ନେତା ଦୁକୁଲ ଚନ୍ଦ୍ର ଘଡ଼େଇ ସଂଯୋଜନା କରିଥିଲେ। କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଉପସ୍ଥିତ ରହି ନବାଗତ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ସାମାଜିକ କର୍ମୀ ବିଜୟ କୁମାର ପାଣିଗ୍ରାହୀ, ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ବନ୍ଦନା ଘଡ଼େଇ, ପୂର୍ବତନ ସମିତିସଭ୍ୟ ସରୋଜ କୁମାର ପଣ୍ଡା, ଇଂ. ଶୁଭେନ୍ଦୁ ପଣ୍ଡା, ନାରୀନେତ୍ରୀ ମମତା ଦେ, ଇଂ. ସୌମ୍ୟରଞ୍ଜନ ପାତ୍ର, ଭଜେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ଓ ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

## ନିର୍ବାଚନମଣ୍ଡଳୀ ସମସ୍ୟା ନେଇ ପ୍ରାର୍ଥୀଙ୍କ ସହ ଆଲୋଚନା

**ବାଲେଶ୍ୱର ଅଫିସ, ୨୩।୧୦**

ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅନନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଉପନିର୍ବାଚନ ପାଇଁ ଆସନ୍ତା ୨୮ ତାରିଖ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସମ୍ମୁଖରେ ଏକ 'ଖୋଲାମଞ୍ଚ'ର ନିଷ୍ପତ୍ତି ନିଆଯାଇଛି। ଏହି ଖୋଲାମଞ୍ଚରେ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ନେଇ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବ। ବିଶେଷ କରି ସ୍ୱାସ୍ଥ୍ୟସେବା ଓ ଗମନାଗମନ ସମସ୍ୟା ଉପରେ ଫୋକସ୍ ରହିବ। ସମସ୍ୟାଗୁଡ଼ିକ ସମାଧାନ ଦିଗରେ ପ୍ରାର୍ଥୀମାନେ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି।

ବୈଠକର ନିଷ୍ପତ୍ତି ଅନୁସାରେ ଶୁକ୍ରବାର ଅପରାହ୍ନରେ କରୋନା ସଂକ୍ରମଣରୁ ନିଜକୁ ଓ ନିଜ ପରିବାରକୁ ସୁରକ୍ଷା ପାଇଁ ସରକାରୀ କଟକଣା ପାଳନ ପାଇଁ କ୍ରିୟାନୁଷ୍ଠାନ କମିଟି ତରଫରୁ ଫାଣ୍ଡି ଛକ ନିକଟସ୍ଥ ରିକ୍ସା ଚାଳକ ସଂଘ ଅଫିସ୍ ସମ୍ମୁଖରେ ଏକ ଜନ ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିର ପ୍ରତ୍ୟହ ସନ୍ଧ୍ୟାରୁ ରାତି ୯ଟା ପର୍ଯ୍ୟନ୍ତ ଆସନ୍ତା ୪ଦିନ ପାଇଁ ଖୋଲାରହିବ। କାର୍ଯ୍ୟକ୍ରମରେ ପ୍ରଫେସର ଅନନ୍ତ କୁମାର ପ୍ରଧାନ, ଆଇନଜୀବୀ ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ ଦାସ, ପ୍ରସନ୍ନ ପାଢ଼ୀ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ପ୍ରଭାକର ସାହୁ, ସରସ୍ୱତୀ ପଣ୍ଡା, ଉମାକାନ୍ତ ଜେନା, ସେକ୍ ସଲାଉଦ୍ଦିନ୍, ମାୟାଧର ଜେନା, ଶଶାଙ୍କ ଶେଖର ଦତ୍ତ, ସେକ୍ କରିମ୍, ନିରଞ୍ଜନ ରାଉତ ଓ ଡା. ତାରାକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ୨୮ରେ 'ଖୋଲାମଞ୍ଚ'



ବୈଠକରେ ମେଡ଼ିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

# ଭାଇଚାରାରେ ଚାଲିଛି ଦୁର୍ଗାପୂଜା

■ମଙ୍ଗ ଧରିଛନ୍ତି ସଂଖ୍ୟାଲଘୁ ସଂପ୍ରଦାୟ ବ୍ୟକ୍ତି
■୩୫ ବର୍ଷରେ କଲା ପଦାର୍ପଣ

ବାରିପଦା ଅଫିସ,୨୩।୧୦

କରୋନା କଟକଣା ମଧ୍ୟରେ ଦୁର୍ଗତୀ ନାଶିନୀ ମା’ଦୁର୍ଗାଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ତେନ୍ତୁଳିଡିଙ୍ଗାଠାରେ ସାମ୍ପ୍ରଦାୟିକ ଭାଇଚାରାକୁ ନେଇ ମୁସଲମାନ ଓ ହିନ୍ଦୁ ଧର୍ମର ଲୋକମାନେ ମିଳିମିଶି ପୂଜା କାର୍ଯ୍ୟକୁ ସୁରୁଖୁରୁରେ ଚଳାଇ ଆସୁଛନ୍ତି । କୋହିନୂର ଇସଲାମ ନାମକ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତି ପୂଜାର ମଙ୍ଗ ଧରିଛନ୍ତି। ଏଭଳିନିଆରା ସାର୍ବଜନୀନ ଦୁର୍ଗା ପୂଜା ଉତ୍ସବ ସାରା ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି।

୧୯୮୬ରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକମାନେ ମିଶି ତେନ୍ତୁଳିଡିଙ୍ଗାଠାରେ ଆରମ୍ଭ କରିଥିଲେ ସାର୍ବଜନୀନ ଦୁର୍ଗାପୂଜା । ମହିଳାମାନେ ଦୂର ବଜାରକୁ ନ ଯାଇ ଘର ପାଖରେ ମା’ଙ୍କୁ ପୂଜା କରିବା ପାଇଁ କୋହିନୂର ଇସଲାମ ଗ୍ରାମରେ ପ୍ରସ୍ତାବ ଦେଇଥିଲେ । ଗ୍ରାମବାସୀ ମିଳିତଭାବେ ସେହିଦିନ ଠାରୁ ୩୫ବର୍ଷ ହେଲା ମା’ ଦୁର୍ଗାଙ୍କୁ ପୂଜା କରି ଆସୁଛନ୍ତି। ଅତ୍ୟନ୍ତ ନିଷ୍ଠା ଓ ପୂଜାବିଧିକୁ ନେଇ ପୂଜା ଚାଲିଆସୁଥିବା ବେଳେ ନବମୀ ତିଥିରେ


ତେନ୍ତୁଳିଡିଙ୍ଗା ପୂଜା ମଣ୍ଡପରେ ଘଟ ପୂଜା ଚାଲିଛି।

ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥାଏ । ସେହିପରି ଦଶମୀରେ ଦହିପଖାଳ ସାଙ୍ଗକୁ ମଣ୍ଡାପିଠାର ଭୋଗ ପାଇ ଶ୍ରଦ୍ଧାଳୁମାନେ ଆନନ୍ଦିତ ହୋଇଥାନ୍ତି । ଜାତି,ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭେଦଭାବକୁ ଦୂରରେ ରଖି ସାମ୍ପ୍ରଦାୟିକ ଭାଇଚାରାରେ ଏଠାରେ ଦେବୀ ଦୁର୍ଗାଙ୍କୁ ପୂଜା କରାଯାଇଥାଏ। ଆଖପାଖ ଅଞ୍ଚଳର ଗାଙ୍ଗରାଜ, ରଙ୍ଗିଆମ, ଚିପଟଅଡ୍ଡିଆ, କୁନାପାଳ ଆଦି ଗ୍ରାମର ଲୋକମାନେ ଏହି ମଣ୍ଡପକୁ ପୂଜା କରିବାକୁ ଆସିଥାନ୍ତି। ଚଳିତ ବର୍ଷ କୋଭିଡ୍-୧୯ନିୟମକୁ ମାନି କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି । ଘଟ ଓ ଫଟୋରେ ପୂଜା ଚାଲିଥିବା ବେଳେ ପୂଜା କାର୍ଯ୍ୟ ଠିକ ଭାବେ ହେଉଛି କି ନାହିଁ ତାହାକୁ ତଦାରଖ କରୁଛନ୍ତି କୋହିନୂର ଇସଲାମ। ଧର୍ମ ଓ ଶାସ୍ତ୍ରରେ ପାଣ୍ଡିତ୍ୟ ଯୋଗୁ ତାଙ୍କୁ ସମଗ୍ର ଅଞ୍ଚଳବାସୀ ଆଦର୍ଶବ୍ୟକ୍ତି ଭାବେ ମାନି ଆସୁଛନ୍ତି । ଏମ୍ଏଲ୍ଏଲବି ଶିକ୍ଷାଗତ ଯୋଗ୍ୟତା ଥିବା ବେଳେ ପୁରାଣ ବର୍ଣ୍ଣିତ ସର୍ବଧର୍ମ ସାମନ କଥାକୁ ମୁହଁରେ ଧରି ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ସେ ଭାଇଚାରାର ସମ୍ପର୍କ ଯୋଡ଼ି ଆସିଛନ୍ତି । ପୂଜକ ପରିତୋଷ ନନ୍ଦ କୁହନ୍ତି, ଦୀର୍ଘ ୨୦ବର୍ଷ ହେଲା ସେ ପଶ୍ଚିମବଙ୍ଗରୁ ଆସି ମଣ୍ଡପରେ ପୂଜା କରୁଛନ୍ତି। । ଇସଲାମ ଭାଇଙ୍କ ଶାସ୍ତ୍ରଜ୍ଞାନ ସହିତ ପାଞ୍ଜିରେ ଥିବା ନୀତିନିୟମକୁ ନେଇ ପୂଜାକାର୍ଯ୍ୟ ସମ୍ପାଦନ ହେଉଥିବାରୁ ଖୁସିହୋଇ ପୂଜା କରିବାକୁ ଆସୁଛି । ନିର୍ଭୁଲ ଭାବେ ପୂଜାପାଠ କରିବା ପାଇଁ ସେ ସବୁବେଳେ ଆମକୁ କହିଥାନ୍ତି ବୋଲି କହିଛନ୍ତି। ଗ୍ରାମର ଅନୀଲ ନାଏକ କୁହନ୍ତି, ବର୍ଷରେ ପଡୁଥିବା ସଂଖ୍ୟାଲଘୁ ସଂପ୍ରଦାୟ ଓ ହିନ୍ଦୁମାନଙ୍କ ପର୍ବପର୍ବାଣୀ ସମୟରେ ଗ୍ରାମର ଆବାଳ ବୃଦ୍ଧବନିତା ମିଳିମିଶି ପର୍ବକୁ ପାଳନ କରିଥାଉ। ଆମ ଭିତରେ କୌଣସି ଭେଦଭାବ ନ ଥିବା ବେଳେ ସମସ୍ତଙ୍କ ସୁଖଦୁଃଖରେ ସାଥି ହୋଇଥାଉ । ଭକ୍ତ ଦୀପକ କୁମାର ମିଶ୍ର କୁହନ୍ତି, ସବୁ ବର୍ଗର ଲୋକମାନଙ୍କୁ ଏକଜୁଟ କରି ପୂଜା ଚାଲି ଆସୁଛି।

## ସଂକ୍ଷେପରେ

### ଦର୍ଶନ ନ ପାଇ ଭକ୍ତ ନିରାଶ

**ବାଙ୍ଗିରିପୋଷି,୨୩।୧୦(ଡି.ଏନ.ଏ.):** କରୋନା କଟକଣା ମଧ୍ୟରେ ଚାଲିଛି ମା’ ଦୁର୍ଗାଙ୍କ ପୂଜା। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ପୀଠ ଓ ମଣ୍ଡପରେ କଳସ ଯାତ୍ରା ପରେ ମହାସପ୍ତମୀ ପୂଜା ଶେଷ ହୋଇଛି। ମଣ୍ଡପଗୁଡ଼ିକରେ ପ୍ରଶାସନିକ ନିୟମ ଅନୁଯାୟୀ ମୂର୍ତ୍ତିର ଉଚ୍ଚତା ୪ ଫୁଟ ହୋଇଥିବା ବେଳେ ମଣ୍ଡପର ୩ ପାଖ ବନ୍ଦ କରାଯାଇଛି। ଶ୍ରଦ୍ଧାଳୁଙ୍କୁ ମଣ୍ଡପକୁ ଆସିବା ପାଇଁ ବାରଣ କରାଯାଇଛି । ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରି ନ ପାରି ନିରାଶର ଫେରୁଛନ୍ତି। ଏହି ବ୍ଲକର ବଣକାଟି, ଚନ୍ଦନପୁର, ଡୁମୁରିଆ, ଗୋଷାଣିପାଳ, ବୁଡାମାରା, କୁମ୍ଭାରମୁଣ୍ଡାକଟା, କଳାବାଡିଆ, ଗୋଲାମୁଣ୍ଡାକଟା, ଉଆଣିଆ, ବସନ୍ତପୁର,ନିଡେଇ ଓ ଅଂଳାଗୁଞ୍ଜାଠାରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଜଗନ୍ନାଥଖୁଣ୍ଟା ଗ୍ରାମରେ ମା’ ବନଦୁର୍ଗା ପୀଠରେ ପୂଜାର୍ଚ୍ଚନା ହେଉଛି । ଏହାକୁ ଦୃଷ୍ଟିରେ ରଖି ବାଙ୍ଗିରିପୋଷି ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

### ବିନା ଭକ୍ତରେ ଷୋଡ଼ଶ ପୂଜା ମହୋତ୍ସବ

**କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.):** କେନ୍ଦୁଝର ସହରର ଏକ ମାତ୍ର ଦୁର୍ଗାଦେବୀଙ୍କ ପୀଠ କରୋନା କଟକଣା ଯୋଗୁ ବନ୍ଦ ରହିଛି ।
ଦେବୀଙ୍କ ମୁଖ୍ୟ ପର୍ବ ଚଳିତ ବର୍ଷ ଫିକା ପଡିଯାଇଛି। ଏଣୁ ୧୬ ଦିନ ବ୍ୟାପୀ ଯେଉଁଠି ଆଗରୁ ଭିଡ ଜମୁଥିଲା ଏବଂ କୋଳାହଳ ଲାଗିରହୁଥିଲା ସେଠାରେ ଚଳିତ ବର୍ଷ ପୂଜା ଉତ୍ସବ ପରିବେଶ ଖାଁ ଖାଁ ଲାଗୁଛି। ସ୍ଥାନୀୟ ଦୁର୍ଗାବଜାରର ଏହି ଦୁର୍ଗା ମନ୍ଦିରରେ ଆରମ୍ଭ ହୋଇଛି ଜଗଜ୍ଜନନୀ ମା’ଙ୍କର ୬୨ ତମ ଷୋଡ଼ଶ ଦିବସ ବ୍ୟାପୀ ଶାରଦୀୟ ପୂଜା ମହୋତ୍ସବ। ତେବେ ଚଳିତ ବର୍ଷ କୋଭିଡ୍ କଟକଣା ପାଇଁ ଭକ୍ତଙ୍କ ଭଡ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। କଳସ ଯାତ୍ରା ପରେ ପରମ୍ପରାଗତ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ପୂଜା ବିଜୟାଦଶମୀ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ କରୋନା କଟକଣା ପାଇଁ ମନ୍ଦିର ବନ୍ଦ ରହିଛି। ଭକ୍ତଙ୍କ ଦର୍ଶନ ଓ ପୂଜା ପାଇଁ ମଧ୍ୟ କଟକଣା ଲଗାଯାଇଛି ।
କେବଳ ଦେବୀଙ୍କ ପରମ୍ପରାଗତ ରୀତିନୀତିରେ ପୂଜାର୍ଚ୍ଚନା, ଚଣ୍ଡୀପାଠ, ଯଜ୍ଞ ଆଦି ସୀମିତ ପୂଜକ ଓ ଆୟୋଜକଙ୍କ ମଧ୍ୟରେ ଚାଲିଛି। ପ୍ରାୟ ୧୪ ବର୍ଷ ଧରି ଏଠାରେ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ପରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ସ୍ଥାପନା କରାଯାଇ ପୂଜା କରାଯାଇଆସୁଛି। ଏହି ପୀଠରେ ଭାଇଚାରା, ଏକତା ଓ ସ୍ନେହଶ୍ରଦ୍ଧାର ପରମ୍ପରା ଏବେ ମଧ୍ୟ ବଜାୟ ରହିଛି।

### ୮ ଶିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

**କେନ୍ଦୁଝର, ୨୩।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳେ ବନବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର, ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ, ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ, ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉ ବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ।

### ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା

**କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.):** ବିଭିନ୍ନ ଆଳ ଦେଖାଇ ତ୍ରିବେଣୀ କମ୍ପାନୀ ଛଟେଇ କରୁଥିବା ପ୍ରତିବାଦରେ ଶତାଧିକ ଯୁବକ ଗତ ୧୯ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଘେରାଉ ବେଳେ ଜଣେ ଆନ୍ଦୋଳନକାରୀଙ୍କୁ ପୋଲିସ ମାଡ଼ ମାରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ତେବେ କରୋନା ମହାମାରୀ ସମୟରେ ଏଭଳି ଆନ୍ଦୋଳନ କରାଯିବାରୁ ପୋଲିସ ଏନେଇ ଟାଉନ ଥାନାରେ ମାମଲା (ନଂ. ୨୮୦/୨୦) ରୁଜୁ କରିଛି। ଅଜୟ ମିଶ୍ର, ପ୍ରଦୀପ ରାଉତ ଓ ଅନ୍ୟ ୬୦ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# କରୋନା କଟକଣା, ମଣ୍ଡପ ଖାଁ ଖାଁ


ସରସଦା ପୂଜା ମଣ୍ଡପରେ ପୂଜା ପାଉଥିବା ଦେବୀ ଦୁର୍ଗା।

ଭଣ୍ଡାରିପୋଖରୀ, ୨୩।୧୦(ଡି.ଏନ.ଏ.)

ଦୁର୍ଗା ପୂଜା ପାଇଁ ରଙ୍ଗବେରଙ୍ଗ ତୋରଣ ସାଙ୍ଗକୁ ଆଲୋକମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂଜା ମଣ୍ଡପ ଝଲସି ଉଠେ। କରୋନା କଟକଣା ଲାଗି ସବୁ ଫିକା ପଡିଯାଇଛି। ଖାଁ ଖାଁ ଲାଗୁଛି ମଣ୍ଡପ। ଚଳିତବର୍ଷ ମହାମାରୀ କରୋନା କଟକଣା ମଧ୍ୟରେ ପାଳିତ ହେଉଛି ଦୁର୍ଗାପୂଜା। ଭଣ୍ଡାରିପୋଖରୀ ବଜାର, ସରସଦା, ନିର୍ଗୁଣ୍ଡି, ପାଟୁଳି, ବାରିକପୁର ଓ ମଞ୍ଜୁରୀରୋଡ଼ ଆଦି ଅଞ୍ଚଳରେ ପୂଜା ବେଶ ଧୁମଧାମ୍‌ରେ ପୂଜା ହୋଇଥାଏ। ପ୍ରତ୍ୟେକ ପୂଜା ମଣ୍ଡପରେ କରୋନା କଟକଣା ନିୟମରେ ମା’ଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା ଚାଲିଛି। ଭଣ୍ଡାରିପୋଖରୀ ବଜାର ପୂଜା ମଣ୍ଡପରେ ସନ୍ତୋଷ ନାୟକ ଓ ପତ୍ନୀ ଝରଣା ରାଣୀ ନାୟକ ସଂକଳ୍ପ କରିଥିବା ବେଳେ ମୁଖ୍ୟପୂଜକ ଭାବେ ବାହୁଡା ମିଶ୍ର ସହଯୋଗୀ ଗଙ୍ଗା ପଣ୍ଡା, ଶୁଭେନ୍ଦୁ ମିଶ୍ର ପୂଜା କାର୍ଯ୍ୟ ତୁଲାଉଛନ୍ତି। କର୍ତ୍ତା ଭାବେ ଶଶୀକାନ୍ତ ସାହୁ ଓ ସହଯୋଗୀ ଶଚିକାନ୍ତ ସାହୁ ତୁଲାଉଛନ୍ତି। ସରସଦା ପୂଜା ମଣ୍ଡପରେ କର୍ତ୍ତୀକର୍ତ୍ତା ଭାବେ ବୁଦ୍ଧିରାମ ସ୍ୱାଇଁ ଓ ରମାମଣି ସ୍ୱାଇଁ, ପୂଜକ ଭାବେ ରାମ ଚନ୍ଦ୍ର ପତି ଓ ନିଗମାନନ୍ଦ ମିଶ୍ର ପୂଜା କାର୍ଯ୍ୟ ରୀତିନୀତି ଅନୁଯାୟୀ କରୁଛନ୍ତି। ଚଳିତବର୍ଷ ପାଞ୍ଚ ଦିନ ରହିବା ପରେ ମା’ଙ୍କୁ ବିସର୍ଜନ କରାଯିବ।

# ଏକଲକ୍ଷ ଗଛ ଲଗାଇବେ ଗ୍ରାମବାସୀ


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅବସରରେ ।

ବାରିପଦା ଅଫିସ,୨୩।୧୦

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଗନ୍ଧାଳୀ ଗ୍ରାମରେ ଥିବା ୫୦ ଏକର ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପରିବେଶ ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଅବସରରେ ବେତନଟୀ ରେଞ୍ଜର ଘନଶ୍ୟାମ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମାଜସେବୀ ଜୟମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ଏକ ଲକ୍ଷ ବୃକ୍ଷରୋପଣ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଅନ୍ୟତମ ଅତିଥି ଭାବେ ଏସ୍ସିଏଫ୍ ଶ୍ୟାମା ଭାରତୀ,ଫରେଷ୍ଟର ସୁଶାନ୍ତ କୁମାର ବାଗ, ଝାଡ଼ଖଣ୍ଡର ପରିବେଶବିତ ସପନ ମହାତ ଓ ଅମିତାଭ ମହାତ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀ, ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସରେ ୫ହଜାର ଫଳ ଓ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖବରଦାତା ଅରୁଣ କୁମାର ଓତା, ସମାଜସେବୀ ପ୍ରକାଶ ବେହେରା, ସଂଗ୍ରାମ କେଶରୀ ବାରିକ, ବାପି ବିଦ୍ଧାଣୀ, ରାନୁମଣି ମହାନ୍ତ, ଭାନୁମତି ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଯୋରରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପଦ୍ମପୁର,୨୩।୧୦(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ଗ୍ରାମର ଜଣେ ବୃଦ୍ଧ ଗୁରୁବାର ଯୋରରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ନିରାକାର ମଳିକ। ସେ ଶୌଚ ହେବାକୁ ଯାଇ ଯୋରରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସିପତ୍ତା ମିଳିନଥିଲା। ଶୁକ୍ରବାର ସକାଳେ ଯୋରରେ ତାଙ୍କର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ନାୟକାଣିଡ଼ିହୀ ଥାନା ପୋଲିସ ଅପମୃତ୍ୟୁ ମାମଲା(ନଂ.୨୩/୨୦)ରୁଜୁ କରିଛି।

# ପଥରରେ ପିଟିହୋଇ ବାଇକ୍ ଚାଳକଙ୍କ ପ୍ରାଣଗଲା

**ଗାଡି ରେସିଂ କାଳ ହେଲା**

ପାଟଣା, ୨୩।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା-କେନ୍ଦୁଝର ରାସ୍ତାର ପୁଟୁଳିଆ ଯୁକାଲ୍ ପଟାସ ଜଙ୍ଗଲ ନିକଟରେ ରାସ୍ତା ପାର୍ଶ୍ୱରେ ପଡିଥିବା ଏକ ପଥରରେ ପିଟି ହୋଇ ଶୁକ୍ରବାର ସକାଳୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାମେଶ୍ୱରପୁର ଗ୍ରାମର ବିପିନ ବିହାରୀ ମୁଣ୍ଡା ଓରଫ ବିଶନ(୨୫)।
ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗରପଡାରୁ ୨ଜଣ ଯୁବକ ୫ଶହ ଟଙ୍କା ବାଜି ଲଗାଇ ଦୁଇଟି ବାଇକ୍‌ରେ ରେସିଂ କରୁଥିଲେ। ବିପିନଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପଡିଥିବା ପଥରରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପାଟଣା ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୋଲିସ ପକ୍ଷରୁ ଏଏସ୍ଆଇ ଶଙ୍କର ଆଲଦା ପହଞ୍ଚି ଏକ ଦୁର୍ଘଟଣା ମାମଲା(ନଂ.୧୫୪/୨୦) ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ‘ଇ-ବ୍ରାଉଜର’ ଶୁଭାରମ୍ଭ

**କୌଣସି ସ୍ଥାନରେ ରହି ଡିଜେଲ ସୁବିଧା ପାଇବେ ଗ୍ରାହକ**

ବାଲେଶ୍ୱର ଅଫିସ,୨୩।୧୦

ସାରା ଭାରତବର୍ଷରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ ତୈଳ କମ୍ପାନୀ ତରଫରୁ ଇ-ବ୍ରାଉଜର(ଡିଜେଲ ଡୋର ଡେଲିଭେରି) ସୁବିଧା ଶୁଭାରମ୍ଭ ହୋଇଛି। ବାଲେଶ୍ୱର ଜିଲା ସେରଗଡ଼ସ୍ଥିତ ଜଗନ୍ନାଥ ସର୍ଭିସ୍ ଷ୍ଟେଶନରେ ଏହି ସୁବିଧା ଶୁଭାରମ୍ଭ ହୋଇଛି। ଏହି ଇ-ବ୍ରାଉଜର ସୁବିଧାକୁ ଆନୁଷ୍ଠାନିକ ଭାବେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀର ସିଜିଏମ୍ ଏସ୍. ହରିପ୍ରସାଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।
ଏହି ଅବସରରେ ଜଗନ୍ନାଥ ସର୍ଭିସ୍‌ଷ୍ଟେଶନ୍‌ର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗଦେଇ ପେସୋ ଆପ୍ରୁଭଡ୍ ଫୁଏଲ୍ ଆଟ୍ ଡୋର ଷ୍ଟେପ୍ ଡିଜିଟାଲ ଆପ୍ ମାଧ୍ୟମରେ ଗ୍ରାହକ ଘରେ କିମ୍ବା କମ୍ପାନୀ ତଥା ଯେକୌଣସି ସ୍ଥାନରେ ରହି ଡିଜେଲ ସୁବିଧା ପାଇବେ। ଏଥିରେ ଗ୍ରାହକ ସର୍ବନିମ୍ନ ୨୦୦ଲିଟରରୁ ଆରମ୍ଭ କରି ୬ ହଜାର ଲିଟର ପର୍ଯ୍ୟନ୍ତ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଡିଜେଲ କ୍ରୟ କରିପାରିବେ। ଗ୍ରାହକମାନଙ୍କ ସୁବିଧା ପାଇଁ ସ୍ପଟ୍ ଡେଲିଭରି ସହିତ କମ୍ପ୍ୟୁଟର ବିଲ୍ ମଧ୍ୟ ଦିଆଯିବ। ଏଥିସହିତ ଏହି ଇ-ବ୍ରାଉଜରରେ ଥିବା ଡିଜେଲର ଗୁଣ ଏବଂ ପରିମାଣ ମଧ୍ୟ ଯାଞ୍ଚ କରିପାରିବେ। ଭବିଷ୍ୟତରେ ଗ୍ରାହକମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଏହାକୁ ବ୍ୟାପକ କରାଯିବ ବୋଲି ମହାନ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରିଜିଅନ୍‌ର (ରିଟେଲ ଡିଜିଏମ୍) ଅଭୟଙ୍କର ଦାସ, କମ୍ପାନୀର ବାଲେଶ୍ୱର (ଏଏସ୍ଏମ୍) ମନୋଜ ମଣ୍ଡଳ, ଡିପୋ ମ୍ୟାନେଜର ଗୁରୁବଚନ ସିଂହଙ୍କ ସମେତ ଜିଲାର ଥିବା ଅନ୍ୟାନ୍ୟ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କମ୍ପାନୀ ଅଧୀନ ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଇ-ବ୍ରାଉଜର ମାଧ୍ୟମରେ ପ୍ରଥମ ଗ୍ରାହକ ଭାବେ ଜିଲାର ବଳରାମଗଡ଼ିସ୍ଥିତ ସୁକାନ୍ତି ଦାସ ତାଙ୍କ ବୋଟ୍ ପାଇଁ ୬ହଜାର ଲିଟର ଡିଜେଲ କ୍ରୟ କରିଥିବା ଜଣାପଡ଼ିଛି।


ଇ-ବ୍ରାଉଜର’ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

# ପୁରୁଣାବଜାର ଡେଭଲପମେଣ୍ଟ ଫୋରମର ବୈଠକ

ଭଦ୍ରକ ଅଫିସ,୨୩।୧୦

ଭଦ୍ରକ ପୁରୁଣାବଜାରର ଅଲାଲପୁର ସ୍ଥିତ ରୟାଲ ପ୍ୟାଲେସ୍‌ରେ ପୁରୁଣାବଜାର ଡେଭ୍‌ଲପମେଣ୍ଟ ଫୋରମ୍‌ର ଏକ ଜରୁରୀ ବୈଠକ ସୁଧାକର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପୁରୁଣାବଜାର ଅଞ୍ଚଳର ସବୁ ବର୍ଗର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଅଞ୍ଚଳର ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ହାଜି ଜୁଲଫୁକାର ଅଲି, ପରମାନନ୍ଦ ଦାସ, ଆଇନଜୀବୀ ତାହେର ମହମ୍ମଦ, ଅବଦୁଲ ମୋକିତ ଖାଁ, ନାସିର ବକ୍ସ, ବାବୁଲି ରାଉତ, ଅବଦୁଲ ରଫିକ ଖାଁ, ହାଜି ସବର ଅଲି, ରାଜନ ଲାହା, ହାଜି ମନାୱର ହୋସେନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପୁରୁଣାବଜାର ରାସ୍ତା ନିର୍ମାଣ, ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟର ସ୍ଥାୟୀ ସମାଧାନ, ମହାବୀର ଷ୍ଟାଡିୟମ୍ ନିର୍ମାଣ ଇତ୍ୟାଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ଏକ ୧୫ ଜଣିଆ କମିଟି ଗଠନ କରାଯାଇ ପୂର୍ବତନ କାଉନସିଲର ଶେଖ୍ ସମ୍‌ଦାନୀଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ଏହି କମିଟି ଆଗାମୀ ଦିନରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଅଞ୍ଚଳର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ କରିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା।

# ବାଇକ ସହ ବନ୍ଧୁକ, ଗୁଳି ଜବତ: ଯୁବକ ଗିରଫ

ବାଲେଶ୍ୱର ଅଫିସ, ୨୩।୧୦

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରାଯାଉଥିବା ବେଳେ ଦରଜିପୋଖରୀ ନିକଟରେ ଜଣେ ଯୁବକଙ୍କୁ ଅଟକାଇ ପଚରାଉଚରା କରାଯାଇଥିଲା। ତାଙ୍କଠାରୁ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ସହ ଏକ ବାଇକ୍ ଜବତ କରାଯାଇଛି। ଉକ୍ତ ଯୁବକଙ୍କୁ ଗିରଫ କରାଯାଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୨୭୭/୨୦୨୦) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ସବ୍‌ଇନ୍ସପେକ୍ଟର ବିରଞ୍ଚି ନାରାୟଣ ସାହୁ ସୂଚନା ଦେଇଛନ୍ତି। ଯୁବକଜଣକ ହେଲେ ଉକ୍ତ ଥାନା ଅଧୀନ ନୂଆପୁର ଗ୍ରାମର ଏସ୍‌କେ ଇସାକ ଅଲ୍ଲୀ


ଗିରଫ ଏସ୍‌କେ ଇସାକ ଅଲ୍ଲୀ।

(୨୬)। ଦାଦାବଟି ଆଦାୟ କରିବା ତାଙ୍କ ପେସା। ଏହାପୂର୍ବରୁ ଭଦ୍ରକ, ସହଦେବଖୁଣ୍ଟା ଓ ଶିଳ୍ପାଞ୍ଚଳ ଥାନାରେ ୩ଟି ମାମଲା ରହିଛି। ଛିନ୍‌ତାଇ, ମାର୍‌ପିଟ୍, ଅପହରଣ ଭଳି ଘଟଣାରେ ସେ ସମ୍ପୃକ୍ତ। ଗତ ରାତି ୨ଟାରେ କେଉଁ କାରଣରୁ ବନ୍ଧୁକ ଧରି ବୁଲୁଥିଲେ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଗ୍ରାମବାସୀଙ୍କ ଲୋଡିଂ ଅର୍ଥ ଆତ୍ମସାତ୍ ଉଦ୍ୟମ ଅଭିଯୋଗ

**ଆପାହାଟୁ ରେଳ ସାଇଡିଂ**

ଯୋଡା, ୨୩।୧୦ (ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଜୁରୁଡ଼ି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କମ୍ପାନୀର ଆପାହାଟୁ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟମାରଣା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।
ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାଟୁ ରେଳ ସାଇଡିଂରେ ରେକ୍‌ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ପଞ୍ଚାୟତବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ କେତେଜଣ ନେତୃଶ୍ରେଣୀୟ ବ୍ୟକ୍ତିଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ରେକ୍‌ରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ପାରିଶ୍ରମିକ ଦିଆଯିବ ବୋଲି ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ରେକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିଲେ। ସ୍ଥାନୀୟ କେତେକ ଗ୍ରାମବାସୀଙ୍କୁ ସେ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବଣ୍ଟନ କରିଥିବା ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟଙ୍କା ପାଇ ନ ଥିବା ଗ୍ରାମବାସୀମାନେ ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଘେରାଉ କରି ମିଳିଥିବା ଟଙ୍କାର ହିସାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ ଦେଇ ନ ଥିଲେ। ଏହି ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ରେକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ରେକ୍‌ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟି ନ ଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା ଅଭିଯୋଗ କରିଛନ୍ତି। ଜୁରୁଡ଼ି ଅଞ୍ଚଳର ଶ୍ରମିକ ନେତା ମହେନ୍ଦ୍ର କୁମାର ମହାନ୍ତି ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଞ୍ଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାଟୁ ରେଳ ଲୋଡିଂ ଅର୍ଥକୁ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ ସରପଞ୍ଚ କାହାକୁ ଜଣାଇ ନାହାନ୍ତି। ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ଶ୍ରମିକ ନେତା ମହେନ୍ଦ୍ର ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

